# ନାମକୁ ମାତ୍ର ଯାଞ୍ଚ, କାର୍ଯ୍ୟାନୁଷ୍ଠାନ ଶୂନ

■ ବେଆଇନ ହାଇବ୍ରିଡ୍ ଧାନ ବିକ୍ରି ଉପରେ ଆଖି ବୁଜି ଦେଉଛି ବିଭାଗ
■ ଅଭିଯୋଗକାରୀଙ୍କ ନାମ, ତଥ୍ୟ କମ୍ପାନୀଙ୍କୁ ପଠାଯାଉଥିବା ଅଭିଯୋଗ

ନବରଙ୍ଗପୁର,୧୦।୬
(ସଦାଶିବ ପ୍ରହରାଜ)

ମୌସୁମୀ ଅତିଶୀଘ୍ର ଓଡିଶା ପହଞ୍ଚିବା ଆକଳନ କରି ଚାଷୀ ବିହନ ନେଇ ତଳି ପକାଇବା ପାଇଁ ପ୍ରସ୍ତୁତ ହେଲେଣି। ସାଧାରଣତଃ ଜୁଲାଇ ୧୫ ମଧ୍ୟରେ ୯୦ ଭାଗ ଚାଷୀ ବିହନ ସଂଗ୍ରହ କରି ତଳି ପକାଇବ ଓ ଧାନବୁଣା ଆରମ୍ଭ କରିବେ। କେତେକ ସ୍ଥାନରେ ଚାଷୀ ଏବେଠାରୁ ତଳି ପକାଇ ସାଇଲେଣି। ଚାଷୀଙ୍କ ଫସଲ ନଷ୍ଟ ହେଲେ ଧରକରଜ କରିକ୍ଷତି ସହୁଛନ୍ତି। କେତେକ କ୍ଷେତ୍ରରେ ଚାଷୀ ଆତ୍ମହତ୍ୟା ଘଟଣା ମଧ୍ୟ ପ୍ରଶାସନ ଓ ସରକାରଙ୍କୁ ଅଡୁଆ ସୃଷ୍ଟି କରୁଛି। ଏଭଳି ସ୍ଥଳେ ନବରଙ୍ଗପୁର ଜିଲାରେ ରାଜ୍ୟ ସରକାର କିମ୍ବା ଜିଲା କୃଷି ଅଧିକାରୀଙ୍କ ବିନା ଅନୁମତିରେ ଗ୍ରୀନ ଟ୍ୟାଗ୍ ବିହିନ ହାଇବ୍ରିଡ୍ ଧାନ ବିହନ ବେନିୟମ ଭାବରେ ବିକ୍ରି ଚାଲିଛି। କେତେକ ଡିଲର ଓ କମ୍ପାନୀ ପ୍ରତିନିଧିଙ୍କୁ ଡାକି ଜିଲା କୃଷି ଅଧିକାରୀ ବୈଠକ କରୁଛନ୍ତି । କିନ୍ତୁ ବେଆଇନ କମ୍ପାନୀଙ୍କ ଧାନ ବିହନ ବିକ୍ରି ଉପରେ ରୋକ ଲାଗୁନି। ସାମାଜିକ କର୍ମୀ ବିଭୁତି ପ୍ରସାଦ ପଣ୍ଡା ଜିଲା କୃଷି ଅଧିକାରୀ ଓ ଜିଲାପାଳଙ୍କୁ ଲିଖିତ ଭାବେ ଜଣାଇଛନ୍ତି। ଅଭିଯୋଗରେ ହାଇବ୍ରିଡ୍ ଧାନ ବିହନ ବିକ୍ରି କରିଥିବା ସଂସ୍ଥାମାନଙ୍କ ନାମ ଜିଲା କୃଷି ଅଧିକାରୀଙ୍କୁ ପ୍ରଦାନ କରିଛନ୍ତି। ହାତଗଣତି କିଛି କମ୍ପାନୀକୁ ରାଜ୍ୟରେ ଗୋଟିଏ ଦୁଇଟି କିସମ ଧାନ ବିହନ ବିକ୍ରି ପାଇଁ ଅନୁମତି ରହିଛି। ସେମାନେ କିନ୍ତୁ ଅନେକ କିସମର ଗ୍ରୀନ୍ ଟ୍ୟାଗ ନ ଥାଇ ହାଇବ୍ରିଡ୍ ଧାନ ବିକ୍ରି କରୁଛନ୍ତି। ଅଭିଯୋଗ ପରେ ବିଭାଗ ପକ୍ଷରୁ କେବଳ ଚଢ଼ାଉ କରାଯାଉଛି। ଦୋଷ ଦୁର୍ବଳତାକୁ ଲୁଚାଇବା ପାଇଁ କେତେକ ଦୋକାନୀଙ୍କୁ କାରଣ ଦର୍ଶାଓ ନୋଟିସ କରି ଛାଡି ଦିଆଯାଉଛି । କାର୍ଯ୍ୟାନୁଷ୍ଠାନ କିମ୍ବା ଅଧିକ ତଦନ୍ତ ହେଉନାହିଁ। ଜିଲାପାଳଙ୍କ ନିର୍ଦ୍ଦେଶ ପରେ ମଧ୍ୟ ଜିଲା କୃଷି ବିଭାଗ ନୀରବ ରହିବା ପଛରେ ଅନେକ ରହସ୍ୟ ରହିଥିବା ସନ୍ଦେହ କରାଯାଉଛି।

ଜିଲା ସଦର ମହାକୁମାରେ ରହିଥିବା କେତେକ ଡିଲରଙ୍କ ନାମ ଅଭିଯୋଗକାରୀ ଲିଖିତଭାବେ ପ୍ରଦାନ କରୁଥିଲେ ମଧ୍ୟ ଚଢ଼ାଉ ବା ଯାଞ୍ଚ କରାଯାଉ ନାହିଁ। ଘରୋଇ କମ୍ପାନୀଗୁଡ଼ିକ ଡିଲରମାନଙ୍କୁ ରାଜ୍ୟରୁ ଅନୁମତି ମିଳିଛି ବୋଲି ଭ୍ରମ ଦେଖାଇ ଅଧିକ ଲାଭ ଦେଉଛନ୍ତି। ଚାଷୀଙ୍କ ସ୍ୱାର୍ଥ ପ୍ରତି ସେମାନେ ଗୁରୁତ୍ୱ ଦେଉ ନ ଥିବା ଅନୁମେୟ। ବେଆଇନ କାମ ରୋକିବା ଓ ତାହା ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପ୍ରଶାସନ ଓ ବିଭାଗର କାମ। ଏଠାରେ କିନ୍ତୁ ଓଲଟା ଦେଖିବାକୁ ମିଳୁଛି। ଅଭିଯୋଗ କଲେ ଅଧିକାରୀମାନେ ଅଭିଯୋଗକାରୀଙ୍କ ସମ୍ପର୍କରେ ବିହନ ପ୍ରସ୍ତୁତ କମ୍ପାନୀକୁ ତାହା ପ୍ରେରଣ କରୁଛନ୍ତି ବୋଲି ଅଭିଯୋଗ ହେଉଛି। ଅଭିଯୋଗକାରୀଙ୍କ ଜୀବନ ପ୍ରତି ବିପଦ ଆସିଲେ କୃଷି ବିଭାଗୀୟ ଅଧିକାରୀ ଦାୟୀ ରହିବେ କି ବୋଲି ପ୍ରଶ୍ନ ଉଠିଛି। କିଛି କମ୍ପାନୀକୁ ଟାର୍ଗେଟ କରି ଅନ୍ୟ ବଡ଼ବଡ଼ ବଡ଼ିଆ କମ୍ପାନୀକୁ ହାତଗୁଞ୍ଜା ନେଇ ଜିଲା କୃଷି ବିଭାଗ ଛାଡି ଦେଉଥିବା ଅଭିଯୋଗ ହେଉଛି।

ଜିଲାରେ ୧ ଲକ୍ଷ ୮୫ ହଜାର ହାଜାର ୯୭୦ ହେକ୍ଟରରେ ଚଳିତ ଖରିଫ ଋତୁରେ ଚାଷ ହେବାର ଟାର୍ଗେଟ ରହିଛି। ୮ହଜାର ୭୧୫ କୁଇଣ୍ଟାଲ ସରକାରୀ ଧାନ ବିହନ ୧୩ ଲ୍ୟାମ୍ପ, ଆରଏମ୍‌ସି ଓ ୬୦ ଡିଲରଙ୍କ ମାଧ୍ୟମରେ ବିକ୍ରି ହେଉଛି। ଜିଲାରେ ଚଳିତ ବର୍ଷ ୮୨ ହଜାର ୯୦୦ ମେଟ୍ରିକ ଟନ୍ ସାର ଯୋଗାଣ ପାଇଁ ଟାର୍ଗେଟ ରହିଛି। ସାର ଓ ବିହନ ବିକ୍ରି ପାଇଁ ଜିଲାରେ ୪୮୦ ଜଣ ଡିଲର ରହିଛନ୍ତି। ସେଥିମଧ୍ୟରୁ ଅନେକଙ୍କ ଲାଇସେନ୍ସ ନବୀକରଣ ହୋଇନାହିଁ। ତଥାପି ସେମାନେ ହାଇବ୍ରିଡ୍ ଧାନ ଓ ସାର ବିକ୍ରିକରୁଛନ୍ତି। ଏନେଇ ଜିଲା କୃଷି ଅଧିକାରୀ ଜି.ଭେଙ୍କେଟ ରେଡ୍ଡୀଙ୍କୁ ପଚରିବାରୁ ୪୮୦ ଡିଲରଙ୍କ ମଧ୍ୟରୁ କେତେକଙ୍କ ଲାଇସେନ୍ସ ନବୀକରଣ ହୋଇ ନ ଥିବା ସେ ସ୍ୱୀକାର କରିଛନ୍ତି। ବିନା ଅନୁମତିରେ ହାଇବ୍ରିଡ୍ ଧାନ ବିକ୍ରି କରୁଥିବା କମ୍ପାନୀ ଓ ଡିଲରଙ୍କ ସମ୍ପର୍କରେ ବ୍ଲକ କୃଷି ଅଧିକାରୀଙ୍କୁ ନେଇ ଏକ ଟିମ୍ ଯାଞ୍ଚ କରୁଛି ବୋଲି କହିଛନ୍ତି। କମ୍ପାନୀମାନଙ୍କୁ ଚିହ୍ନଟ କରି ଓ ଡିଲରମାନଙ୍କୁ ବିନା ଅନୁମତିରେ ହାଇବ୍ରିଡ୍ ଧାନ ବିକ୍ରି ନ କରିବାକୁ ଚିଠି କରିଛନ୍ତିକି ବୋଲି ପଚରିବାରୁ ଏହାର ଠିକ ଉତ୍ତର ଦେଲେ ନାହିଁ। ଜିଲା ସଦର ମହାକୁମାରେ କେତୋଟି ସ୍ଥାରେ ଯାଞ୍ଚ ହୋଇଛି ବୋଲି ପ୍ରଶ୍ନ କରିବାରୁ ବ୍ଲକ ଟିମ କରିବେ ବୋଲି କହିଥିଲେ। ପୌରାଞ୍ଚଳରେ କିଏ ଯାଞ୍ଚ କରିବେ ବୋଲି ପ୍ରଶ୍ନ କରିବାରୁ ମୁଁ ଯାଞ୍ଚକୁ ଯିବା ଅସୁବିଧା ହେବ। ଆପଣମାନେ ଏହାକୁ ମ୍ୟାନେଜ ସହ ସହଯୋଗ କରନ୍ତୁ ବୋଲି କହିଛନ୍ତି। ଅଭିଯୋଗକାରୀଙ୍କ ତଥ୍ୟ କମ୍ପାନୀକୁ ଦିଆଯାଉଥିବା ସମ୍ପର୍କରେ ପଚାରିବାରୁ ସେ ଏହାର ଉତ୍ତର ଦେଇ ନ ଥିଲେ। ଅପରାହ୍ନରେ ଡିଲର ଓ କମ୍ପାନୀ ମାନଙ୍କୁ ଡାକି ଏକ ବୈଠକ କରାଯିବ ବୋଲି କହିଥିଲେ।

## ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା କରିବାକୁ ନିଷ୍ପତ୍ତି


ବୈଠକରେ ବିଡିଓ ଏବଂ ମନ୍ଦିର ପରିଚାଳନା କମିଟି ସଦସ୍ୟମାନେ ଆଲୋଚନା କରୁଛନ୍ତି ।

### ରଥଯାତ୍ରା ପାଳନ ପ୍ରସ୍ତୁତି ବୈଠକ

ଡାବୁଗାଁ, ୧୦।୬ (ପ୍ରଜ୍ଞାରଞ୍ଜନ ପରିଡ଼ା)

ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ସଦରମହକୁମାସ୍ଥିତ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ରଥଯାତ୍ରା ପାଳନ ପ୍ରସ୍ତୁତି ବୈଠକ ବିଡିଓ ଶରତ ମାଝିଙ୍କ ଅଧ୍ୟକ୍ଷତାରେ ସୋମବାର ଅପରାହ୍ନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଚଳିତ ବର୍ଷ ରଥଯାତ୍ରା କିପରି ସୁରୁଖୁରୁରେ ଓ ଶାନ୍ତିଶୃଙ୍ଖଳା ସହ ପାଳନ କରାଯିବ ସେ ନେଇ ଆଲୋଚନା ହୋଇଥିଲା। ଏଥିରେ ମନ୍ଦିର କମିଟି ସଦସ୍ୟ ଜି. ସାଇରାଜୁ, ଏମ୍. ଆପ୍ପାରାଓ, ଦେବରାଜ ପାତ୍ର, ଭଗବାନ ମହାନ୍ତି, ସୁରେନ୍ଦ୍ର କୁମାର ମିଶ୍ର, ବାବି ଜେନା, ଭଗବାନ ଖୁଣ୍ଟିଆ, କୁନୁ ପାତ୍ର, ରାମାରାଓ ଚୌଧୁରୀ, ପ୍ରକାଶ ରାଓ, ବୁଲୁ ମହାକୁଡ଼, ପୂଜକ ନବୀନ ପାଢ଼ୀ, ଲକ୍ଷ୍ମୀକାନ୍ତ ରଥ ପ୍ରମୁଖ ଉପସ୍ଥିତ ଥିଲେ। ରଥଯାତ୍ରା ପୂର୍ବରୁ ଚାଲିଥିବା ରାସ୍ତା କାମ ସରି ନ ଥିବା ଏକ ବଡ଼ ସମସ୍ୟା ହେବ ବୋଲି ଆଲୋଚନା କରାଗଲା। ଏ ବିଷୟରେ ସମ୍ପୃକ୍ତ ଠିକାଦାରଙ୍କ ସହ ଯୋଗାଯୋଗ କରିବା ପାଇଁ ଉଦ୍ୟମ କରାଯାଇଥିଲା କିନ୍ତୁ ତାହା ହୋଇପାରି ନ ଥିଲା। ଯଥାଶୀଘ୍ର ଠିକାଦାରଙ୍କ ସହ ଯୋଗାଯୋଗ କରି ସମସ୍ୟା ସମାଧାନ କରାଯିବ ବୋଲି ବିଡିଓ ସୂଚନା ଦେଇଥିଲେ।

## ଚନ୍ଦାହାଣ୍ଡିରୁ ବ୍ରହ୍ମପୁରକୁ ଗଡ଼ିବ ସରକାରୀ ଏସି ବସ୍

ଚନ୍ଦାହାଣ୍ଡି, ୧୦।୬(ଦିଲୀପ ଦାସ)

ନବରଙ୍ଗପୁର ଜିଲା ଚନ୍ଦାହାଣ୍ଡିରୁ ମଙ୍ଗଳବାରଠାରୁ ବ୍ରହ୍ମପୁରକୁ ଗଡ଼ିବ ସରକାରୀ ଏସି ବସ୍। ଏ ନେଇ ନବରଙ୍ଗପୁର ଏମ୍‌ପି ଇଂ. ବଳଭଦ୍ର ମାଝି ସୂଚନା ଦେଇଛନ୍ତି। ଏହା ଚନ୍ଦାହାଣ୍ଡିରୁ ଉମରକୋଟ, ଜୟପୁର ରାସ୍ତା ଦେଇ ବ୍ରହ୍ମପୁରକୁ ଯାତାୟାତ କରିବ। ପୂର୍ବରୁ




ଚନ୍ଦାହାଣ୍ଡିରୁ ବ୍ରହ୍ମପୁର ବସ୍ ଲୋକଦେଖାଣିଆ ପାଇଁ କିଛି ଦିନ ଆସୁଥିଲା। ଚନ୍ଦାହାଣ୍ଡି-ବ୍ରହ୍ମପୁର ବୋର୍ଡ ଲାଗିଥିଲେ ମଧ୍ୟ ଏହା ଉମରକୋଟରୁ ବ୍ରହ୍ମପୁରକୁ ଯାଉଥିଲା। ଚନ୍ଦାହାଣ୍ଡିବାସୀ ଯେତେ ଅଭିଯୋଗ କଲେ ମଧ୍ୟ ଜନପ୍ରତିନିଧି କିମ୍ବା ଅଧିକାରୀମାନେ କିଛି ଶୁଣୁ ନ ଥିବା ଅଭିଯୋଗ ହୋଇଥିଲା। ସୂଚନାନୁଯାୟୀ, ନବରଙ୍ଗପୁର ଏମ୍‌ପି ମାଝି ସୋମବାର ଏ ନେଇ ଭୁବନେଶ୍ୱର ଓଏସ୍‌ଆରଟିସିର ଅଧ୍ୟକ୍ଷ ତଥା ମ୍ୟାନେଜିଂ ଡାଇରେକ୍ଟରଙ୍କ ସହ ଆଲୋଚନା କରି ଶୀଘ୍ର ଏହି ବସ୍ ଚଳାଇବାକୁ କହିଥିଲେ। ବଳଭଦ୍ର ମାଝି ନିର୍ବାଚନ ଜିତିବା ପରେ ଚନ୍ଦାହାଣ୍ଡିବାସୀଙ୍କୁ ସୁଗମ ଗମନାଗମନ ସୁବିଧା କରିଥିବାରୁ ଅଞ୍ଚଳବାସୀ ଏମ୍‌ପିଙ୍କୁ ଧନ୍ୟବାଦ ଦେଇଛନ୍ତି।

## ବେଲଜିୟମ୍ ଯିବ କୋରାପୁଟ ଅଦା, ହଳଦୀ


ସେମିଳିଗୁଡାସ୍ଥିତ ଏକ ହେଟେଲରେ କେତ୍ରା ଓ ବିକ୍ରେତାଙ୍କ ବୈଠକରେ ଆଲୋଚନା ଚାଲିଛି।

### କେତ୍ରା, ବିକ୍ରେତାଙ୍କ ମଧ୍ୟରେ ଆଲୋଚନା

କୋରାପୁଟ,୧୦।୬(ଅମିତାଭ ବେହେରା)

ଖରିଫ୍ ଋତୁରେ କୋରାପୁଟ ଜିଲାରେ ୧୦୦ ଟନ୍ ଅଦା ଓ ହଳଦୀ ଅମଳ ହେବା ନେଇ ଲକ୍ଷ୍ୟ ରଖାଯାଇଛି। ସେମିଳିଗୁଡାସ୍ଥିତ ଏକ ହେଟେଲର ସଭା ଗୃହରେ ସୋମବାର କେତ୍ରା ଓ ବିକ୍ରେତାଙ୍କ ମଧ୍ୟରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଖରିଫ ଋତୁରେ ଅମଳ ହେବାକୁ ଥିବା ଅଦା, ହଳଦୀ ବେଲଜିୟମ ରପ୍ତାନୀ ପାଇଁ ବୈଠକରେ ଆଲୋଚନା କରାଯାଇଛି । ବୈଠକରେ ରାୟପୁରର ସନଫ୍ଲାର୍ଗ, ଆଗ୍ରୋଟେକ୍, କୋରାପୁଟ ନିୟନ୍ତ୍ରିତ ବଜାର କମିଟି, ନାଗେଶ୍ୱରୀ ଫାର୍ମସ ପ୍ରଡ୍ୟୁସର କମ୍ପାନୀ, କୋରାପୁଟର ଜୈବିକ ଶ୍ରୀ ଫାମର୍ସ ପ୍ରଡ୍ୟୁସର କମ୍ପାନୀ ପ୍ରମୁଖ ଉପସ୍ଥିତ ଥିଲେ। ପୂର୍ବରୁ ହୋଇଥିବା ବୁଝାମଣା ଚୁକ୍ତି ଅନୁଯାୟୀ ସନଫ୍ଲାଗ କମ୍ପାନୀ ଜରିଆରେ ଜିଲାରୁ ୧୦୦ ଟନ ଅଦା ଓ ହଳଦି ବେଲଜିୟମକୁ ରପ୍ତାନ୍ତୀ କରାଯିବ ବୋଲି କୋରାପୁଟ ଜୈବିକ ଶ୍ରୀ ଫାମର୍ସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ସିଇଓ ମୁରଲୀ ଅଧିକାରୀ ସୂଚନା ଦେଇନ୍ତି। ବୈଠକରେ ଅନ୍ତରାଷ୍ଟ୍ରୀୟ ବେଲଜିୟମ କମ୍ପାନୀର ମିସ ମୁର୍ଗନ, ରାୟପୁର କମ୍ପାନୀ ସନଫ୍ଲାଗ ଆଗ୍ରୋଟେକ ପ୍ରତିନିଧି ଏମ୍ ସୁନୀଲ, ଜିଟି ଭାରତ କମ୍ପାନୀର ମାଲଖନ ସିଂ, ଏମ ଇତିଶ୍ରୀ, ସହିଦ ସୁଲେମାନ, କୋରାପୁଟ ଆରଏମ୍‌ସିର ଅରୁଣ କୁମାର ପ୍ରଧାନ ଓ କୈଳାସ ଚନ୍ଦ୍ର ସାହୁ, ନାଗେଶ୍ୱରୀ ଫାମର୍ସ ପ୍ରଡ୍ୟୁସର କମ୍ପାନୀ, ଜୈବିକ ଶ୍ରୀ କମ୍ପାନୀର ସିଇଓ ଓ ବିଓଡି ସଦସ୍ୟମାନେ ଉପସ୍ଥିତ ଥିଲେ । ଏଥିପୂର୍ବରୁ ଛତିଶଗଡ ରାୟପୁରର ସନଫ୍ଲାଗ ଆଗ୍ରୋଟେକ ଏବଂ ବେଲଜିୟମର ଗ୍ରାଣ୍ଡ ଟରୋଣ୍ଟୋ ଭାରତ ଟିମ୍ ନନ୍ଦପୁରଠାରେ ଥିବା ଜୈବିକ ଶ୍ରୀ ଏବଂ ନାଗେଶ୍ୱର ଫାର୍ମସ ପ୍ରଡ୍ୟୁସର କମ୍ପାନୀ ଲିମିଟେଡର ନନ୍ଦପୁରସ୍ଥିତ କାର୍ଯ୍ୟାଳୟ ଓ ଅତଣ୍ଡା ଗ୍ରାମକୁ ଯାଇ ସେଠାରେ କରାଯାଇଥିବା ଅଦା ଚାଷ ପରିଦର୍ଶନ କରି ଅଦା ଓ ହଳଦି ଚାଷର ଗୁଣାତ୍ମକ ମାନ ଓ ଚାଷ ଉପରେ ଆଲୋଚନା କରିଥିଲେ ।

## ଜଣେ ମୃତ, ଅନ୍ୟ ଜଣେ ଗୁରୁତର

### ବାଇକ୍‌କୁ ଧକ୍କାଦେଲା ବାଇକ୍

ନନ୍ଦାହାଣ୍ଡି,୧୦।୬
(ପ୍ରତୀପ କୁମାର ଦାଶ)

ନବରଙ୍ଗପୁର ଜିଲା ନନ୍ଦାହାଣ୍ଡି ବ୍ଲକ ଖୁଣ୍ଟିଆ ଗ୍ରାମ ଛକ ନିକଟରେ ଏକ ବାଇକ ଦୁର୍ଘଟଣା ଘଟି ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଅନ୍ୟଜଣେ ଗୁରୁତର ହୋଇଛନ୍ତି। ମୃତକ ହେଲେ କଙ୍ଗରା ଗ୍ରାମର ସଦନ ହରିଜନ (୩୨)।

ସୂଚନାନୁଯାୟୀ, ସୋମବାର ଦିନ ପ୍ରାୟ ୧୦ଟାରେ କଙ୍ଗରା ଗ୍ରାମର ସଦନ ହରିଜନ ବାଇକ୍ (ଓଡି-୨୪କେ-୧୨୪୯) ନେଇ ଯାଉଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ନିଶନାହାଣ୍ଡି ଗ୍ରାମର ଶଙ୍କର ଭତରାଙ୍କ ବାଇକ୍ (ଓଡି-୨୪ଏ-୭୬୦୪) ସହ ସଦନଙ୍କ ଗାଡ଼ିର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଉଭୟେ ରାସ୍ତାକୁ ଛିଟିକି ପଡ଼ିଥିଲେ। ଦୁର୍ଘଟଣାସ୍ଥଳରେ କାମ କରୁଥିବା କେତେଜଣ ଶ୍ରମିକ ଆମ୍ବୁଲାନ୍ସକୁ ଯୋଗାଯୋଗ କରି ସେମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ସେଠାରେ ଡାକ୍ତର ସଦନଙ୍କୁ ମୃତ ଘୋଷଣା କରିଥିଲେ। ଶଙ୍କରଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ଥିବାରୁ ତାଙ୍କୁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜକୁ ସ୍ଥାନାନ୍ତର କରାଯାଇଛି। ଉଙ୍ଗରଭେଜା ଫାଣ୍ଡି ପୋଲିସ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ବାଇକ ଜବତ କରିଛି। ଏଥିସହ କେସ୍ ନମ୍ବର ୨୪୫/୨୪ରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି। ବ୍ୟବଚ୍ଛେଦ ପରେ ମୃତଦେହକୁ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ସୂଚନା ମିଳିଛି ।

## ଅଭିଯୁକ୍ତଙ୍କୁ ଗିରଫ ପରେ କୋର୍ଟ ଚାଲାଣ

### ଜାଲ୍ ସାର୍ଟିଫିକେଟ ଦେଇ ଡାକ ବିଭାଗରେ ନିଯୁକ୍ତି ମାମଲା

ଜୟପୁର,୧୦।୬(ପବନ ପାଣିଗ୍ରାହୀ)

ଗ୍ରାମୀଣ ଡାକସେବକ ବ୍ରାଞ୍ଚ ପୋଷ୍ଟ ମାଷ୍ଟର, ଆସିଷ୍ଟାଣ୍ଟ ବ୍ରାଞ୍ଚ ପୋଷ୍ଟ ମାଷ୍ଟରରେ ଜାଲ ସାର୍ଟିଫିକେଟ ମାମଲାର ପର୍ଦ୍ଦାଫାଶ କରିଛି କ୍ରାଇମବ୍ରାଞ୍ଚ। ଏହି ମାମଲାରେ ଜଣେ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ସେ ହେଲେ କୋରାପୁଟର ଚାନ୍ଦଚରଣ ସାହୁ (୩୨)। ଏହି ମାମଲାରେ ପୂର୍ବରୁ ୫ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିଛି।


ଚାନ୍ଦଚରଣ ସାହୁ

ସୂଚନାନୁଯାୟୀ ଗିରଫ ଅଭିଯୁକ୍ତମାନେ ଜାଲ ସାର୍ଟିଫିକେଟ ଦେଇ ଗ୍ରାମୀଣ ଡାକସେବକ ବ୍ରାଞ୍ଚ ପୋଷ୍ଟର ଆସିଷ୍ଟାଣ୍ଟ ବ୍ରାଞ୍ଚ ପୋଷ୍ଟମାଷ୍ଟର ପଦବୀରେ ଆବେଦନ କରିଥିଲେ। ସେମାନଙ୍କୁ ଚୟନ କରାଯାଇଥିଲା। ସାର୍ଟିଫିକେଟ ଯାଞ୍ଚ ସମୟରେ ଏହା ଜଣାପଡ଼ିବାରୁ ଡାକ ବିଭାଗ ପକ୍ଷରୁ ଜୟପୁର ଟାଉନ ଥାନାରେ ଅଭିଯୋଗ ହୋଇଥିଲା। ଅଭିଯୋଗ ଆଧାରରେ ପୋଲିସ ୧୦୮/୨୩ ଓ କ୍ରାଇମବ୍ରାଞ୍ଚ ୧୧/୨୩ ରେ ମାମଲା ରୁଜୁ କରିଥିଲା। ଅଭିଯୁକ୍ତ ଉତ୍ତରପ୍ରଦେଶ ରାଜ୍ୟର ସାର୍ଟିଫିକେଟ ଦେଇଥିଲେ ବୋଲି ଟାଉନ ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି।

## ଗରମ ମାଣ୍ଡିଆ ପଡ଼ି ଶିଶୁ ଗୁରୁତର

ପାପଡାହାଣ୍ଡି, ୧୦।୬
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ଦିଶାରୀଗୁଡ଼ା ଗାଁରେ ପେଜ ପଡ଼ି ଜଣେ ଶିଶୁ ଗୁରୁତର ହୋଇଛି। ସେ ହେଲେ ବଳରାମ ମାଝିଙ୍କ ପୁଅ ଜଗନ୍ନାଥ। ସୂଚନାନୁଯାୟୀ, ବଳରାମଙ୍କ ସ୍ତ୍ରୀ ମାଣ୍ଡିଆ ରାନ୍ଧି ଥଣ୍ଡା କରିବାକୁ ଏକ ଥାଳିରେ ରଖିଥିଲେ। ଜଗନ୍ନାଥ ବାହାରୁ ଖେଳି ଆସି ମାଆ ରଖିଥିବା ମାଣ୍ଡିଆକୁ ନିଜ



ମୁଣ୍ଡରେ ଢାଳି ଦେଇ କାନ୍ଦିଥିଲେ। ପାଟି ଶୁଣି ବଳରାମଙ୍କ ସ୍ତ୍ରୀ ଜଗନ୍ନାଥଙ୍କୁ ଉଦ୍ଧାର କରି ଘଟଣା ସମ୍ପର୍କରେ ଜଣାଇଥିଲେ। ସେମାନେ ଜଗନ୍ନାଥଙ୍କୁ ପାପଡ଼ାହାଣ୍ଡି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଚିକିତ୍ସା ଚାଲିଥିବାବେଳେ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ଥିବା ଡାକ୍ତର କହିଛନ୍ତି।

## ଘଟ ବାହାରିଲେ ଭଲ ଫସଲ, ନୀରୋଗ ରହିବା ବିଶ୍ୱାସ

### ମା' ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ଆରମ୍ଭ

■ ୯ଦିନ ଧରି ବିଭିନ୍ନ ଗାଁ ବୁଲିବ ମା'ଙ୍କ ଘଟ
■ ଶେଷ ଦିନରେ ମାଝିଗୁଡ଼ାରେ ବଜାର ବସିବା ସହ ଜମିବ ଶ୍ରଦ୍ଧାଳୁଙ୍କ ଭିଡ଼

ପାପଡ଼ାହାଣ୍ଡି,୧୦।୬
(ସ୍ୱପ୍ନଜିତ ପଟ୍ଟନାୟକ)

ନବରଙ୍ଗପୁର ଜିଲା ପାପଡାହାଣ୍ଡିର ପ୍ରସିଦ୍ଧ ବୁଢ଼ୀ ଠାକୁରାଣୀଙ୍କ ଘଟଯାତ୍ରା ସୋମବାର ଆରମ୍ଭ ହୋଇଛି। ୯ ଦିନ ଧରି ମା'ଙ୍କ ଘଟ ବିଭିନ୍ନ ଗ୍ରାମ ପରିକ୍ରମା କରି ଆସନ୍ତା ମଙ୍ଗଳବାର ମାଝିଗୁଡ଼ା ଯାଇ ଘଟଯାତ୍ର ଉଦଯାପିତ ହେବ ବୋଲି ସୂଚନା ମିଳିଛି।

ଅପରାହ୍ନରେ ବାଦ୍ୟ ନୃତ୍ୟରେ ତାଳେ ତାଳେ ମା'ଙ୍କ ତିନୋଟି ଘଟ ବାହାରିଥିଲା। ମାଙ୍କ ଘଟକୁ ସ୍ଥାନୀୟ ଗ୍ରାମବାସୀ ପୂଜାର୍ଚ୍ଚନା କରିଥିଲେ। ସନ୍ଧ୍ୟାରେ ଫେରିବା ସମୟରେ ମହିଳା ଓ ପୁରୁଷମାନେ ଢେମସା ନୃତ୍ୟ କରି ଘଟଗୁଡ଼ିକୁ ପାଛୋଟି ଆଣିଥିଲେ। ସବୁଆଡେ ଚୈତ୍ରରେ ଠାକୁରାଣୀ ଯାତ୍ରା ହେଉଥିବା ବେଳେ ପାପଡାହାଣ୍ଡିରେ ଜ୍ୟେଷ୍ଠ ମାସରେ ଏହି ଯାତ୍ରା କରାଯାଇଥାଏ। ମା'ଙ୍କ ଘଟ ବାହାରିଲେ ଫସଲ ଠିକ ହେବା ସହ ଲୋକେ ନୀରୋଗ ରହିବେ ବୋଲି ଲୋକଙ୍କ ବିଶ୍ୱାସ ରହିଛି। ମାଙ୍କ ଘଟ ପରିକ୍ରମାକୁ ନେଇ ପ୍ରତ୍ୟେକ ଗାଁ ଏବେ ଚଳ ଚଞ୍ଚଳ ହୋଇଉଠିଛି। ଶେଷ ଦିନରେ ମାଝଇଗୁଡ଼ାରେ ବଜାର ବସିବା ସହ ଶ୍ରଦ୍ଧାଳୁଙ୍କ ଭିଡ଼ ହେବ।


ମା'ଙ୍କ ଘଟ ନଗର ପରିକ୍ରମା କରୁଛି।

## ପାର୍ବତୀଙ୍କ ହାତ ଧରିଲେ ମହାଦେବ

### ଦେବ ଦମ୍ପତିଙ୍କ ଶୁଭ ବିବାହ

■ ବରଯାତ୍ରୀ ଧରି ପହଞ୍ଚିଲେ ମହାଦେବ
■ ବାଟବରଣ କରି ନେଲେ କନ୍ୟାପକ୍ଷ

ଉମରକୋଟ, ୧୦।୬ (ସନ୍ତୋଷ ଶତପଥୀ)

ଶୀତଳ ଷଷ୍ଠୀ ଉପଲକ୍ଷେ ଦେବ ଦମ୍ପତିଙ୍କ ଶୁଭ ବିବାହ କରାଯାଇଛି। ଶିବ ପାର୍ବତୀଙ୍କ ବିବାହ କାର୍ଯ୍ୟ କଳିଙ୍ଗ କଳା ସାଂସ୍କୃତିକ ଯୁବ ପରିଷଦ ପକ୍ଷରୁ ନବରଙ୍ଗପୁର ଜିଲା ଉମରକୋଟ ଗୁଳିପାଟଣା ବାବା ବୈଦ୍ୟନାଥ ମନ୍ଦିରରେ ସମ୍ପନ୍ନ ହୋଇଛି। ବିବାହ କାର୍ଯ୍ୟ ପୂର୍ବରୁ ଭଗବାନ ଶିବ ଓ ମା' ପାର୍ବତୀଙ୍କ ପ୍ରତିମୂର୍ତ୍ତିରେ ପ୍ରାଣ ପ୍ରତିଷ୍ଠା କରାଯାଇଥିଲା। ରବିବାର କନ୍ୟା ପିତାଙ୍କ ଘରେ ପୁରୋହିତ ଲକ୍ଷ୍ମୀ ତ୍ରିପାଠୀ ଦେବ ଦମ୍ପତିଙ୍କ ନିର୍ବନ୍ଧ କାର୍ଯ୍ୟ କରିଥିଲେ। ସୋମବାର ସନ୍ଧ୍ୟା ୫ଟାରେ ଉମରକୋଟ ଭାଲୁଗୁଡ଼ାସ୍ଥିତ ବର ମାତାପିତା ତଥା ରଶ୍ମିତା କୁମାରୀ ପଣ୍ଡା ଓ ରାମଚନ୍ଦ୍ର ପଣ୍ଡାଙ୍କ ଘର ସମ୍ମୁଖରେ ବାବା ଚନ୍ଦ୍ରଶେଖରଙ୍କୁ ଅଳଙ୍କାର, ସୁଗନ୍ଧିତ ପୁଷ୍ପମାଳ ପରିଧାନ କରାଯାଇ ବର ବେଶରେ ସୁସଜ୍ଜିତ କରାଯାଇ ଥିଲା। ବର ପିତାଙ୍କ ଘରୁ ସନ୍ଧ୍ୟାରେ ବରଯାତ୍ରୀ ବାହାରି ଗୁଳିପାଟଣାସ୍ଥିତ ମନ୍ଦିରରେ ପହଞ୍ଚିଥିଲେ। ବରାଯାତ୍ରୀ ବାଣ, ବାଜା, ଡିଜେରେ ଝୁମି ଝୁମି ନାଚି ଥିଲେ । ଏହି ସମୟରେ ପ୍ରାୟ ୧୦୦୦ ରୁ ଉର୍ଦ୍ଧ୍ୱ ଶ୍ରଦ୍ଧାଳୁ ଯୋଗ ଦେଇଥିଲେ। ଭଗବାନ ଶିବଙ୍କ ବରଯାତ୍ରୀ ବୈଦ୍ୟନାଥ ମନ୍ଦିରଠାରେ ପଟୁଆର ଧରି ପହଞ୍ଚିବା ପରେ କନ୍ୟା ମାତାପିତା ସୁଜ୍ଞାନୀ ଦାସ ଓ ପ୍ରଶାନ୍ତ ଦାସ ଏବଂ ପରିବାର ସଦସ୍ୟ ବାଟବରଣ କରି ବିବାହ ବେଦୀକୁ ପାଛୋଟି ନେଇଥିଲେ। ପରେ ବିବାହ କାର୍ଯ୍ୟ ଆରମ୍ଭ ହୋଇଥିଲା। ରାତି ୯.୩୦ରୁ ୧୦.୪୫ ମଧ୍ୟରେ ହସ୍ତଗଣ୍ଠି ପଡ଼ିଥିଲା। ମନ୍ଦିର କମିଟି ପକ୍ଷରୁ ପ୍ରାୟ ୩୦୦୦ ଲୋକଙ୍କ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ମହାଦେବଙ୍କ ଏହି କାର୍ଯ୍ୟକ୍ରମରେ ଅଞ୍ଚଳର ମାନ୍ୟଗଣ୍ୟବ୍ୟକ୍ତି ଯୋଗ ଦେଇଥିଲେ। ଗୁଳିପାଟଣା ମନ୍ଦିରରେ ଶୀତଳ ଷଷ୍ଠୀର ଏହି କାର୍ଯ୍ୟକ୍ରମ ୨୦୧୨ରୁ ଶାନ୍ତିଲତା ମହାନ୍ତିଙ୍କ ତତ୍ତ୍ୱାବଧାନରେ ସ୍ୱର୍ଗତ ସୁବାସ ଚନ୍ଦ୍ର ସ୍ୱାଇଁ ଆରମ୍ଭ କରିଥିଲେ। କାର୍ଯ୍ୟକ୍ରମରେ କଳିଙ୍ଗ କଳା ଓ ସାଂସ୍କୃତିକ ଯୁବ ପରିଷଦର ସମସ୍ତ ସଦସ୍ୟ ବାଲାଜି ବେହେରା, ମହେନ୍ଦ୍ର ଦାସ, ଟୁନା ନାୟକ, କୃଷ୍ଣ ସାହୁ, ଭୁଲକୁ ଗୌଡ଼, ରାମ ମାଣିଆ, ଯତୀନ ପଣ୍ଡା,ଅମିତ କର୍ମକାର, ହଟିଆ ରାଉତ, ଟୁନା ବେହେରା, ବିଷ୍ଣୁ ପ୍ରସାଦ ପଟ୍ଟନାୟକ, ଟୁଲୁ ସାହୁ ଓ ଅଞ୍ଚଳବାସୀ ଯୋଗ ଦେଇଥିଲେ। ମନ୍ଦିର କମିଟି ସଭାପତି ଜୟଦେବ ପରିଡ଼ା ,କୋଷାଧ୍ୟକ୍ଷ ନିରଞ୍ଜନ ସ୍ୱାଇଁଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ସମସ୍ତ କାର୍ଯ୍ୟକ୍ରମ କରାଯାଇଛି।


କନ୍ୟାପକ୍ଷ ଲୋକେ ବାବା ଚନ୍ଦ୍ରଶେଖରଙ୍କୁ ବାଟବରଣ କରି ନେଉଛନ୍ତି।


ବେଦିରେ ବିବାହ କାର୍ଯ୍ୟ ଚାଲିଛି।

# ବିଲୁପ୍ତ ଘରଚଟିଆଙ୍କ ସୁରକ୍ଷାରେ ଦମ୍ପତି

ମୁନିଗୁଡ଼ା,୧୦।୬
(ନନ୍ଦକିଶୋର ପଟ୍ଟନାୟକ)

ଏବେ ବିଲୁପ୍ତହେବାକୁ ବସିଲେଣି ଘରଚଟିଆ। ଆଉ ଶୁଣିବାକୁ ମିଳୁନି ଘରଚଟିଆଙ୍କ କିଚିରିମିଚିରି ଶବ୍ଦ। ଆମ ସମାଜ ତଥା ଚାଷୀର ପରମବନ୍ଧୁ ଭାବେ ଜଣାଶୁଣା ଏହି ପକ୍ଷୀ ଗାଁ ଗହଳିରେ ଆଉ ଦେଖିବାକୁ ମିଳୁନାହିଁ। ଘରଚଟିଆଙ୍କ ରହଣି ସ୍ଥଳ ଗାଁରେ ଥିବା ଚାଳଘର ଏବେ ଆଉ ନ ଥିବାରୁ ଏହି ପକ୍ଷୀ ଆଉ ଦେଖାଯାଉନାହାନ୍ତି। ରାୟଗଡ଼ା ଜିଲା ମୁନିଗୁଡ଼ାର ଏକ ପକ୍ଷୀପ୍ରେମୀ ଦମ୍ପତି ଏମ୍. ବିଜୟ ଜଗନ୍ନାଥ ଓ ତାଙ୍କ ସ୍ତ୍ରୀ ସୁନିତା ଦେବୀ ବିଲୁପ୍ତପ୍ରାୟ ଏହି ପକ୍ଷୀଙ୍କ ସୁରକ୍ଷା ପାଇଁ ଆରମ୍ଭ କରିଛନ୍ତି ଅଭିଯାନ। ଏମ୍. ବିଜୟ ଜଗନ୍ନାଥଙ୍କ ପେସା ହେଉଛି ବ୍ୟବସାୟୀ। ତାଙ୍କର ମୁନିଗୁଡ଼ା ରେଲୱେ ଷ୍ଟେଶନ ସମ୍ମୁଖରେ ପାର୍ଥସାରଥି ନାମରେ ମେଡିକାଲ ଷ୍ଟୋର ରହିଛି। ହେଲେ ତାଙ୍କର ନିଶା ହେଲା ପକ୍ଷୀପ୍ରେମ। ମେଡିସିନ ବିକ୍ରିରୁ ସାମାନ୍ୟ ଫୁରସତ ପାଇଲେ ଲାଗିପଡ଼ନ୍ତି ବିଲୁପ୍ତପ୍ରାୟ ଘରଚଟିଆ ଚଢ଼େଇଙ୍କ ସଂରକ୍ଷଣ ଆଉ ସେବାରେ। ଚଢ଼େଇଙ୍କ ପାଇଁ ସେମାନେ ବସା ବାନ୍ଧନ୍ତି, ଖାଦ୍ୟ ଦିଅନ୍ତି ଆଉ ଶୋଷ ମେଣ୍ଟାଇବାକୁ ପାଣି ବି ଦିଅନ୍ତି ।

ଘରଚଟିଆ ପ୍ରାୟତଃ ଚାଳଘରର ଛପର ମଧ୍ୟସ୍ଥ ନଡ଼ା ଭିତରେ ନିର୍ଭୟରେ ରହିଥାନ୍ତି। ହେଲେ ଗ୍ରାମାଞ୍ଚଳରେ ମଧ୍ୟ ଆଗଭଳି ଆଉ ଚାଳଘର ନ ଥିବାରୁ ଏମାନେ ଏବେ ବିଦ୍ୟୁତ୍‌ଖୁଣ୍ଟ, କୋଠାଘର ସ୍କାଇଲାଇଟ ମଧ୍ୟରେ କୁଟାକାଠିରେ ଘର କରି ରହୁଛନ୍ତି। ବର୍ଷାଦିନ ଓ ଝଡ଼ ପବନରେ ଏମାନଙ୍କ ବସା ଭାଙ୍ଗିଯାଇଥାଏ। ଅନେକ ସମୟରେ ଏମାନେ ବିଷାକ୍ତ ସାପର ମଧ୍ୟ ଶିକାର ହୋଇଥାନ୍ତି। ପାର୍ଥସାରଥି ଦମ୍ପତି ସେମାନଙ୍କ ସୁରକ୍ଷା ପାଇଁ ମେଡିସିନ ପେଟି, ପ୍ଲାଷ୍ଟିକ ପାଇପଲାଇନ ମଧ୍ୟରେ କାଠିକୁଟା ସହାୟତାରେ ବସା ତିଆରି କରିବା ସହ ତା ମଧ୍ୟରେ ମାଟି ପାତ୍ରରେ ପାନୀୟ ଜଳ, ଖାଦ୍ୟର ବ୍ୟବସ୍ଥା କରିଥାନ୍ତି। ଦମ୍ପତିଙ୍କ ଏଭଳି ପକ୍ଷୀପ୍ରେମ ଦେଖି ଲୋକେ ତାଙ୍କୁ ପ୍ରଶଂସା କରୁଥିବା ବେଳେ ସେମାନେ ଆଜି ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଛନ୍ତି। ଏ ବିଷୟରେ ଏମ୍.ବିଜୟ ଓ ତାଙ୍କ ସ୍ତ୍ରୀ ସୁନୀତା କୁହନ୍ତି, ଏହି ନିରୀହ ପକ୍ଷୀମାନେ ଆମ ସୁନ୍ଦର ପୃଥିବୀର ଅନନ୍ୟ ଉପହାର। ଏମାନଙ୍କ କାକଳି ଆମ ସଙ୍ଗୀତର ମୂର୍ଚ୍ଛନା, ପକ୍ଷୀମାନଙ୍କ ସେବାକରି ଆମକୁ ପରମତୃପ୍ତି ଲାଗୁଛି। ଅନେକ ପକ୍ଷୀ ଆଜି ଆଉ ଦେଖାଯାଉନାହାନ୍ତି। ପକ୍ଷୀ କହିଲେ , ଆମ ପିଲାଏ ଖାଲି କାଉକୁ ହିଁ ଜାଣିଥାନ୍ତି। ବଣି, କୋଇଲି, କଜଳପାତି, ବାଇଚଢ଼େଇ, ଡାହୁକ, ଶାଗୁଣା, ଶୁଆସାରୀ, କାଠହଣା, ଚିଲ, ହଳଦୀବସନ୍ତ, ଗୋବର ଚଢ଼େଇ ଆଜି ଆଉ ଦେଖାଯାଉନାହାନ୍ତି। ଆଜି ମୁହଁ ସଞ୍ଜବେଳେ ଆମ ଖୋଲା ଆକାଶରେ ମାଳମାଳ ବାଦୁଡିଙ୍କ ପଟୁଆର ଦୃଶ୍ୟମାନ ହେଉନାହିଁ। ଏଥିପାଇଁ ଯାହା କିଛି ପକ୍ଷୀକୁଳ ବଞ୍ଚିଛନ୍ତି ତାକୁ ସାଇତି ରଖିବାକୁ ଏହା ଏକ ଛୋଟ ପ୍ରୟାସ ବୋଲି ଜଣାଇଥିଲେ। ଏଥିସହ ବର୍ତ୍ତମାନ ଟାଣଖରା ଯୋଗୁ ସମସ୍ତେ ନିଜ ନିଜର ଘର କିମ୍ବା ଛାତ ଉପରେ କୌଣସି ପାତ୍ରରେ ପକ୍ଷୀମାନଙ୍କୁ ଖାଇବାକୁ କିଛି ଖାଦ୍ୟ ଓ ପିଇବାକୁ ପାଣି ରଖିଲେ ପକ୍ଷୀମାନେ କିଛି ମାତ୍ରାରେ ଭୋକ ଶୋଷରୁ ତ୍ରାହି ପାଇପାରିବେ ବୋଲି ସେମାନେ ଜନସାଧାରଣଙ୍କୁ ଅନୁରୋଧ କରିବା ସହ ସଚେତନତା ବାର୍ତ୍ତା ଦେଇଛନ୍ତି ।



ମେଡିସିନ ଦୋକାନରେ ବସିଥିବା ଏମ୍. ବିଜୟ ଜଗନ୍ନାଥ।


ପ୍ଲାଷ୍ଟିକ୍ ପାଇପ୍‌ରେ ଘରଚଟିଆଙ୍କ ପାଇଁ ବସା ତିଆରି କରାଯାଇଛି।

# ଯୁକ୍ତ୨ ବିଜ୍ଞାନ କଲେଜ ପରିଦର୍ଶନକଲେ ଜିଲା ଶିକ୍ଷା ଅଧିକାରୀ

ମୁନିଗୁଡ଼ା,୧୦।୬
(ନନ୍ଦକିଶୋର ପଟ୍ଟନାୟକ)

ରାୟଗଡ଼ା ଜିଲା ମୁନିଗୁଡ଼ାର ନୋଡାଲ ହାଇସ୍କୁଲରେ ଚଳିତ ବର୍ଷଠାରୁ +୨ ବିଜ୍ଞାନ ଆରମ୍ଭ ହେବାକୁ ନେଇ ସରକାରଙ୍କ ତରଫରୁ ଘୋଷଣା କରାଯାଇଛି। ଏହାର ଭିତ୍ତିଭୂମି ଓ ଆବଶ୍ୟକ ଶ୍ରେଣୀଗୃହ ନିମନ୍ତେ ରାୟଗଡ଼ା ଜିଲା ଶିକ୍ଷା ଅଧିକାରୀ ଡା. ବସନ୍ତ କୁମାର ନାୟକ,ବରିଷ୍ଠ କିରାଣି ଦିଲୀପ କୁମାର ହୋତା, ମୁନିଗୁଡ଼ା ବ୍ଲକ ଶିକ୍ଷା ଅଧିକାରୀ ଭି.ଭାସ୍କର ରାଓ, ଅତିରିକ୍ତ ବ୍ଲକ୍ ଶିକ୍ଷା ଅଧିକାରୀ ପ୍ରସନ୍ନ କୁମାର ପାତ୍ର ପ୍ରମୁଖ ନୋଡାଲ ହାଇସ୍କୁଲରେ ପହଞ୍ଚି ପରିଦର୍ଶନ କରିଥିଲେ। ଏଥିସହ +୨ ବିଜ୍ଞାନ କଲେଜ ନିମନ୍ତେ ଆବଶ୍ୟକ ଶ୍ରେଣୀଗୃହ ସମେତ ଏହାର ଭିତ୍ତିଭୂମିକୁ ନେଇ ପ୍ରଧାନ ଶିକ୍ଷକ ଦୁଷ୍ମନ୍ତ ମାଝିଙ୍କ ସହ ଆଲୋଚନା କରିଥିଲେ । ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ମୋ ସ୍କୁଲ ଅଭିଯାନର ସଭାପତି ପ୍ରଣବ କୁମାର ନିଶଙ୍କ ସମେତ ପରିଚାଳନା କମିଟିର ସଦସ୍ୟମାନେ ଜିଲା ଶିକ୍ଷା ଅଧିକାରୀ ନାୟକଙ୍କ ସହ ଆଲୋଚନାକରି +୨ ବିଜ୍ଞାନ କଲେଜ ନିମନ୍ତେ ଅଧ୍ୟାପକ, ଅଧ୍ୟାପିକାମାନଙ୍କୁ ନିୟୋଜିତ କରିବା ସହ ନୂତନ ଶ୍ରେଣୀ ଗୃହ ମଧ୍ୟ ନିହାତି ଆବଶ୍ୟକ ରହିଥିବା କରିଥିଲେ। ସେ ଏ ନେଇ ଉପରିସ୍ଥ ଅଧିକାରୀଙ୍କ ସହ ଆଲୋଚନାକରି ଏହାର ସମସ୍ତ ବ୍ୟବସ୍ଥା କରିବେ ବୋଲି କହିଥିଲେ। ହାଇସ୍କୁଲ ପରିସରରେ ପରିତ୍ୟକ୍ତ ଅବସ୍ଥାରେ ପଡି ରହିଥିବା ଓ ଅଦରକାରୀ ଅନାବଶ୍ୟକ ଶ୍ରେଣୀଗୃହଗୁଡ଼ିକୁ ଭାଙ୍ଗିଦେବାକୁ ଶିକ୍ଷାଧିକାରୀ ନିର୍ଦ୍ଦେଶ ଦେଇଥିବା ଜଣାପଡିଛି । ଅନ୍ୟମାନଙ୍କ ମଧ୍ୟରେ ହାଇସ୍କୁଲର ବରିଷ୍ଠ ଶିକ୍ଷୟିତ୍ରୀ ସୁନୀତା ପାଣି, ରଶ୍ମି ସେଠୀ, କିରାଣି ଏଲ୍. ଗୀତା, ବନ୍ଦନା ବଳିୟାରସିଂ, କର୍ମଚାରୀ ମୁରଲୀ ସାହୁ, ଚନ୍ଦନ ମଣ୍ଡାଙ୍ଗୀ ପ୍ରମୁଖ ଉପସ୍ଥିତ ଥିଲେ ।


ମୁନିଗୁଡ଼ା ନୋଡାଲ ହାଇସ୍କୁଲରେ ଖୋଲିବାକୁ ଥିବା ଯୁକ୍ତ୨ ବିଜ୍ଞାନ କଲେଜ ପରିଦର୍ଶନରେ ଆସିଥିବା ଜିଲା ଶିକ୍ଷା ଅଧିକାରୀଙ୍କ ସହ ଅନ୍ୟମାନେ ।

# ଗଛଡ଼ାଳ ପଡ଼ି ଜଣେ ଗୁରୁତର

ନବରଙ୍ଗପୁର,୧୦।୬(ସଦାଶିବ ପ୍ରହରାଜ)

ନବରଙ୍ଗପୁର ତହସିଲ କାର୍ଯ୍ୟାଳୟ ପରିସର ତଥା ୨୬ ନମ୍ବର ଜାତୀୟ ରାଜପଥ କଡରେ ଥିବା ଏକ ନୀଳଗିରି ଗଛ ଡାଳ ଭାଙ୍ଗି ପଡିବାରୁ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି। ସୋମବାର ରାତି ପ୍ରାୟ ୭ ଟା ୩୦ରେ ରାସ୍ତା କଡରେ ଥିବା ଚାହା ଦୋକାନରେ ୫ ରୁ ୬ ଜଣ ବ୍ୟକ୍ତି ଠିଆ ହୋଇଥିବା ସମୟରେ ଗଛ ଡାଳ ଭାଙ୍ଗି ପଡିବାରୁ ତଳେ ସ୍କୁଟି ରଖି ଠିଆ ହୋଇଥି ମିଶନ କମ୍ପାଉଣ୍ଡ (ସେନାପତି) ସାହିର ଆନନ୍ଦ କୁମାର କର ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକେ ତାଙ୍କୁ ନବରଙ୍ଗପୁର ଜିଲା ସଦର ମହାକୁମା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ କୋରାପୁଟ ଜିଲା ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଛି। ତେବେ ସେଠାରେ ଛିଡା ହୋଇଥିବା ତୁଫାନ ଷଡ଼ଙ୍ଗୀ, ଦିଲୀପ କୁମାର ଚୌଧୁରୀ ସମେତ ୫ ଜଣ ଦୁର୍ଘଟଣାରୁ ଅଳ୍ପକେ ବର୍ତ୍ତି ଯାଇଛନ୍ତି। ଦିଲୀପ କହିବା ଅନୁଯାୟୀ, ଗଛ ଡାଳ ଭାଙ୍ଗି ବିଦ୍ୟୁତ୍ ତାର ଉପରେ ପଡ଼ିବାରୁ ତାହା ଛିଣ୍ଡି ଯିବା ସହ ଲାଇଟିଂ ହୋଇଥିଲା। ଏହି ସମୟରେ ଆହତ ଆନନ୍ଦ ଗଛ ଡାଳ ତଳେ ଚାପି ହୋଇଯାଇଥିଲେ।

# ପ୍ରଶାସନ, ଜଗନ୍ନାଥ ମନ୍ଦିର କମିଟିର ଆଲୋଚନା


ବିଷମ କଟକ ତହସିଲଦାର ଏବଂ ଜଗନ୍ନାଥ ମନ୍ଦିର ପରିଚାଳନା କମିଟି ସଦସ୍ୟ ଆଲୋଚନା କରୁଛନ୍ତି।

ବିଷମକଟକ, ୧୦।୬
(ପ୍ରସନ୍ନ କୁମାର ପଣ୍ଡା)

## ରଥଯାତ୍ରା ପାଳନ ନେଇ ପ୍ରସ୍ତୁତି

ରାୟଗଡ଼ା ଜିଲା ବିଷମକଟକ ସହରରେ ରଥଯାତ୍ରା ପାଳନ ନିମନ୍ତେ ପ୍ରଶାସନ ପକ୍ଷରୁ ତହସିଲ କାର୍ଯ୍ୟାଳୟରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଷମକଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ସ୍ଥାନୀୟ ପ୍ରଶାସନ, ମନ୍ଦିର ପରିଚାଳନା କମିଟି ଓ ସହରର ବରିଷ୍ଠ ବ୍ୟକ୍ତିମାନେ ଉପସ୍ଥିତ ରହି କିଭଳି ଶାନ୍ତିଶୃଙ୍ଖଳାର ସହ ରଥଯାତ୍ରା ପାଳନ କରାଯିବ ସେ ସମ୍ପର୍କରେ ଆଲୋଚନା କରିଥିଲେ। ବ୍ରାହ୍ମଣସମାଜ, କୀର୍ତ୍ତନମଣ୍ଡଳୀ ଓ ଗୌଡ଼ସମାଜ ଏବଂ ତହସିଲଦାରଙ୍କ ଉପସ୍ଥିତିରେ ଆସନ୍ତା ୧୮ରେ ପୁଣି ଏକ ବୈଠକ କରାଯାଇ ସେମାନଙ୍କ ସହ ଆଲୋଚନା କରାଯିବା ନେଇ ସ୍ଥିର ହୋଇଛି। ଆସନ୍ତା ୨୨ରେ ଦେବସ୍ନାନ ପୂର୍ଣ୍ଣିମା ଥିବାରୁ ଜଗନ୍ନାଥ ମନ୍ଦିର ପରିସରରେ ଆଉ ଏକ ବୈଠକ ହେବ ବୋଲି ନିଷ୍ପତ୍ତି ହୋଇଛି।

ସୂଚନାଥାଉ କି, ବିଷମକଟକ ସହରରେ ରାଜରାଜୁଡା ଅମଳରୁ ରଥଯାତ୍ରା ପାଳିତ ହୋଇଆସୁଛି। ରଥଯାତ୍ରା ଦେଖିବାକୁ ହଜାର ହଜାର ଭକ୍ତଙ୍କ ସମାଗମ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ବର୍ଷ ରଥଯାତ୍ରାଠାରୁ ବାହୁଡ଼ା ଯାତ୍ରା ପର୍ଯ୍ୟନ୍ତ ସ୍ଥାନୀୟ ତହସିଲ ପ୍ରଶାସନର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ। ଚଳିତବର୍ଷ ଜୁଲାଇ ୭ରେ ଘୋଷଯାତ୍ରା ପାଳିତ ହେବ। ତେଣୁ ରଥଖଳାରେ ରଥ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇଯାଇଛି। ଠାକୁରଙ୍କ ରଥ ନିର୍ମାଣ ପାଇଁ ତହସିଲ ପକ୍ଷରୁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ମଧ୍ୟ ତହସିଲଦାର କାର୍ଯ୍ୟାଳୟ ପକ୍ଷରୁ ରଥଯାତ୍ରାକୁ ନେଇ ବିଭିନ୍ନ ପଦକ୍ଷେପ ନିଆଯାଇଛି। ରଥଯାତ୍ରାରେ ଭକ୍ତଙ୍କ ନିମନ୍ତେ ମେଡିକାଲ ଟିମ୍ ବ୍ୟବସ୍ଥା କରାଯିବା ସହ ଗ୍ରୀଷ୍ମର ପ୍ରଭାବକୁ ଦୃଷ୍ଟିରେ ରଖି ପାନୀୟ ଜଳର ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଜଗନ୍ନାଥ ମନ୍ଦିରଠାରୁ ମାଉସୀ ମା' ମନ୍ଦିର ପର୍ଯ୍ୟନ୍ତ ରାସ୍ତାଘାଟ ସଫାସୁତୁରା କରିବା ପାଇଁ ନିଷ୍ପତ୍ତି ନିଆଯାଇଛି। ରଥ ଟାଣିବା ସମୟରେ ରଥ ଚାରି ପାଖେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରିବା ପାଇଁ ନିଷ୍ପତ୍ତି ହୋଇଛି। ଭକ୍ତଙ୍କ ପ୍ରବଳ ସମାଗମକୁ ଦୃଷ୍ଟିରେ ରଖି ବ୍ୟାପକ ପୁଲିସ ମୁତୟନ କରିବା ସହ ପାଟ୍ରୋଲିଂ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦିଆଯିବାକୁ ବୈଠକରେ ଆଲୋଚନା ହୋଇଛି। ପ୍ରସ୍ତୁତି ବୈଠକରେ ବିଷମକଟକ ଥାନା ଅଧିକାରୀ ସୂର୍ଯ୍ୟଚନ୍ଦ୍ର ପାଢ଼ୀ, ଅତିରିକ୍ତ ତହସିଲଦାର ଆଶିଷ କୁମାର ପ୍ରଧାନ, ଅଗ୍ନିଶମ ବିଭାଗ ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ, ବିଦ୍ୟୁତ୍ ବିଭାଗ ସହକାରୀ ଯନ୍ତ୍ରୀ ନିରଞ୍ଜନ ବେଉରା ଉପସ୍ଥିତ ଥିଲେ। ସେହିପରି ଜଗନ୍ନାଥ ମନ୍ଦିର ପୂଜା କମିଟିର ସଦସ୍ୟ ଶିବରାମ ରଥ, ଜି. ମନ୍ମଥ ରାଓ, ଜୟରାମ ଉଲ୍ଲାକା, ଡି. ଶିବା, ଦେବୀ ପଟ୍ଟନାୟକ, ରାଜ କିଶୋର ସାହୁ, ଜଗନ୍ନାଥ ପାଢ଼ୀଙ୍କ ସମେତ ମନ୍ଦିର ପୂଜକ ରଘୁନାଥ ରଥ ଉପସ୍ଥିତ ଥିଲେ। ଚଳିତବର୍ଷ ରଥଯାତ୍ରା ଶାନ୍ତିଶୃଙ୍ଖଳାରେ ପାଳନ ହେବ ଏବଂ ଭକ୍ତଙ୍କ ଆବଶ୍ୟକତାକୁ ପଦକ୍ଷେପ ନିଆଯିବ ବୋଲି ବିଷମକଟକ ତହସିଲଦାର କେ. ଭେଙ୍କେଟେଶ୍ୱର ରେଡ୍ଡୀ ସୂଚନା ଦେଇଛନ୍ତି।

# ଗୁଣ୍ଡିଚା ମନ୍ଦିର କଳସ ସ୍ଥାପନ ପୂଜା

ଗୁଣପୁର,୧୦।୬(ପ୍ରଦୀପ କୁମାର ପାଢ଼ୀ)

ରାୟଗଡ଼ା ଜିଲା ଗୁଣପୁରର ପୁରୁଣା ଗୁଣପୁରଠାରେ ଗୁଣ୍ଡିଚା ମନ୍ଦିରର ନିର୍ମାଣ କାର୍ଯ୍ୟ ଚାଲିଛି । ଏଥିଲାଗି ମନ୍ଦିର ପରିସରରେ ସୋମବାର ସମସ୍ତ ରୀତିନୀତି ଅନୁଯାୟୀ କଳସ ସ୍ଥାପନ ପୂଜା ଅନୁଷ୍ଠିତ ହୋଇଥିଲା। ପୂଜା ପରେ ମନ୍ଦିରର ଚୂଡ଼ାରେ କଳସ ସ୍ଥାପନ କରାଯାଇଥିଲା। ପୂଜକ ଭାବେ ବ୍ରହ୍ମା ଗୁପ୍ତେଶ୍ୱର ରଥଶର୍ମା, ସୁଦାମ ରଥ ପ୍ରମୁଖ ଉପସ୍ଥିତ ରହି ପୂଜା କାର୍ଯ୍ୟ ସମ୍ପାଦନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଧାୟକ ସତ୍ୟଜିତ ଗମାଙ୍ଗ, ପୌର ପରିଷଦର ଉପାଧ୍ୟକ୍ଷ ଶିବପ୍ରସାଦ ଗୌଡ଼, ଜଗନ୍ନାଥ ମନ୍ଦିର ପରିଚାଳନାର କମିଟିରେ କାର୍ଯ୍ୟକାରୀ ସଭାପତି ଡ.ସୂର୍ଯ୍ୟନାରାୟଣ ପଣ୍ଡା, ସାମାଜିକ କର୍ମୀ ଅକ୍ଷୟ କୁମାର ଦାସ ପ୍ରମୁଖ ଉପସ୍ଥିତ ଥିଲେ।


ଗୁଣ୍ଡିଚା ମନ୍ଦିରରେ ପୂଜାର୍ଚ୍ଚନା ଚାଲିଛି, ପାଖରେ ଅତିଥିବୃନ୍ଦ।

# ନୀଳକଣ୍ଠେଶ୍ୱର ମନ୍ଦିରରେ ଶିବ ବିବାହ


ଶିବ ବିବାହ ଉତ୍ସବରେ ପୂଜାର୍ଚ୍ଚନା କରାଯାଉଛି।

ଜୟପୁର,୧୦।୬(ପବନ ପାଣିଗ୍ରାହୀ):

କୋରାପୁଟ ଜିଲା ଜୟପୁର ପୁରୁଣାଗଡସ୍ଥିତ ନୀଳକଣ୍ଠେଶ୍ୱର ମନ୍ଦିରରେ ମହା ଆଡମ୍ବର ସହକାରେ ଶିବ ବିବାହ ଓ ଶୀତଳ ଷଷ୍ଠୀ ମହୋତ୍ସବ ଅନୁଷ୍ଠିତ ହୋଇଛି । ମନ୍ଦିରର ପରମ୍ପରା ଅନୁସାରେ ପ୍ରଥମେ ମଙ୍ଗଳନ ଓ ପଞ୍ଚଦେବତା ପୂଜା କରିବା ପରେ ଗୋଧୂଳି ଲଗ୍ନରେ ବିବାହ କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଦେବ ଦମ୍ପତ୍ତିଙ୍କୁ ବାଟ ବରଣ କରାଯିବା ପରେ ବିବାହ ବେଦିକୁ ନିଆଯାଇ ବିବାହ କାର୍ଯ୍ୟ ଆରମ୍ଭ କରାଯାଇଥିଲା । ବାଜା, ଶଙ୍ଖ, ହୁଳହୁଳିରେ ମନ୍ଦିର ପରିସର ମୁଖରିତ ହୋଇ ପଡିଥିଲା । ଶିବ ବିବାହ ଓ ବିଶ୍ୱ କଲ୍ୟାଣ ଉଦ୍ଦେଶ୍ୟରେ ରୁଦ୍ରାଭିଷେକ ଅନୁଷ୍ଠିତ ହୋଇଥିଲା। ଦେବୋତ୍ତର ବିଭାଗ ତରଫରୁ ମନ୍ଦିରରେ ସବୁ ବ୍ୟବସ୍ଥା କରାଯାଇଥିଲା ।

# ୧୩ରେ ଗୁଣପୁର ଆସିବନି ରାଜ୍ୟରାଣୀ

ଗୁଣପୁର,୧୦।୬(ପ୍ରଦୀପ କୁମାର ପାଢ଼ୀ)

ରାଉରକେଲା–ଗୁଣପୁର ରାଜ୍ୟରାଣୀ ଏକ୍ସପ୍ରେସ୍ ଟ୍ରେନ୍ ଗୁରୁବାର ଅର୍ଥାତ୍ ୧୩ ତାରିଖରେ ଗୁଣପୁର ଆସିବ ନାହିଁ। ୧୨ ତାରିଖ ବୁଧବାର ଦକ୍ଷିଣ-ପୂର୍ବ ରେଳପଥ ଅନ୍ତର୍ଗତ ଚକ୍ରଧରପୁର ମଣ୍ଡଳରେ ରେଳପଥ ଉନ୍ନତୀକରଣ କାର୍ଯ୍ୟ ପାଇଁ ରାଜ୍ୟରାଣୀ ଏକ୍ସପ୍ରେସ୍‌କୁ ବାତିଲ କରାଯାଇଛି। ଫଳରେ ୧୨ରେ ରାଉରକେଲାରୁ ବାହାରିବାକୁ ଥିବା ଏହି ଟ୍ରେନ୍ ୧୩ରେ ଗୁଣପୁର ଆସିବ ନାହିଁ ବୋଲି ଜଣାପଡ଼ିଛି। ୧୩ରେ ନିର୍ଦ୍ଧାରିତ ସମୟରେ ରାଜ୍ୟରାଣୀ ରାଉରକେଲାରୁ ବାହାରି ୧୪ରେ ଗୁଣପୁର ଆସିବ ବୋଲି ଜଣାପଡ଼ିଛି ।

# ବିଭିନ୍ନ ମନ୍ଦିରରେ ଶିବ ବିବାହ ଉତ୍ସବ

କୋରାପୁଟ,୧୦।୬(ଅମିତାଭ ବେହେରା)

କୋରାପୁଟ ସହରର ବିଭିନ୍ନ ଶିବ ମନ୍ଦିରରେ ଶୁକ୍ରବାର ଦେବ ଦମ୍ପତ୍ତି ଶିବ ବିବାହ ଉତ୍ସବ ପାଳିତ ହୋଇଯାଇଛି। ବିଭିନ୍ନ ଶିବ ମନ୍ଦିରକୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜ୍ଜାଯାଇ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିଭିନ୍ନ ମନ୍ଦିରରେ ଦେବ ଦମ୍ପତ୍ତିଙ୍କ ଏହି ଅପୂର୍ବ ଦୃଶ୍ୟ ଦେଖିବାପାଇଁ ଶତାଧିକ ଭକ୍ତଙ୍କ ସମାଗମ ହୋଇଥିଲା। କୋରାପୁଟ ସହର ଭବାନୀ ନଗରସ୍ଥିତ ବଣକେଶ୍ୱର ମନ୍ଦିରରେ ମହାଆଡମ୍ବରରେ ଶିବ ବିବାହ ଉତ୍ସବ କରାଯାଇଥିଲା। ବରଯାତ୍ରୀ ଦଳ ଏକ ବିମାନରେ ଶିବଙ୍କୁ ବସାଇ ବାଜାନାଚରେ ଭବାନୀନଗର ଅଞ୍ଚଳ ପରିକ୍ରମା କରିବା ପରେ ମନ୍ଦିରରେ ପହଞ୍ଚିଥିଲେ। ପରେ ସେଠାରେ ଶିବ ପାର୍ବତୀଙ୍କ ମଧ୍ୟରେ ବିବାହ ହୋଇଥିଲା। ଏନେଇ ଭକ୍ତଙ୍କ ମଧ୍ୟରେ ଉଭୟ କନ୍ୟାପିତା ଓ ବରପିତା ହୋଇ ଏହି କାର୍ଯ୍ୟ ସମ୍ପାଦିତ କରିଥିଲେ। ସେହିପରି କଳାନିକେତନସ୍ଥିତ ଆଖଣ୍ଡଳମଣି ମନ୍ଦିର, ଶାବର ଶ୍ରୀକ୍ଷେତ୍ର, ଓଏମ୍‌ପି ଶିବ ମନ୍ଦିର, ରାଉଳି ଶିବ ମନ୍ଦିର ଓ ପୁଜରିପୁଟସ୍ଥିତ ରାମ ମନ୍ଦିରଠାରେ ଶିବ ପାର୍ବତୀ ବିବାହ ଅନୁଷ୍ଠିତ ହୋଇଛି । ଯଥାରିତି ନୀତି ମଧ୍ୟରେ ଆୟୋଜିତ ଏହି ଶିବ ପାର୍ବତୀ ବିବାହ ଉତ୍ସବରେ କନ୍ୟାପିତା ଯଥାଶକ୍ତି ଅନୁସାରେ ବରପିତାଙ୍କୁ ଯୌତୁକ ପ୍ରଦାନ କରି ଶିବ ପାର୍ବତୀଙ୍କୁ ବିବାହ କରାଯାଇଥିଲା। ବିବାହ ପରେ ସମସ୍ତଙ୍କ ନିମନ୍ତେ ସାମୁହିକ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା ।


କୋରାପୁଟ ଭବାନୀନଗରରେ ଶିବ ବିବାହ ।

# ମଉଳିଲା ପୂର୍ବତନ ମନ୍ତ୍ରୀ ସାରକାଙ୍କ ହ୍ୟାଟ୍ରିକ ଆଶା

ରାୟଗଡ଼ା,୧୦।୬(ଆଶିଷ ରଞ୍ଜନ ପଣ୍ଡା)

ଚଳିତ ନିର୍ବାଚନରେ ରାୟଗଡ଼ା ଜିଲାର ୩ଟିଯାକ ଆସନରେ ବାଜିମାତ୍ କରିଛି କଂଗ୍ରେସ। ଅନ୍ୟପଟେ ପୂର୍ବ ଭଳି ଭାଜପା ଜିଲାରେ ଗୋଟିଏ ହେଲେ ଆସନରେ ଖାତା ଖୋଲି ପାରି ନ ଥିବାବେଳେ ବିଜେଡି ସମ୍ପୂର୍ଣ୍ଣ ଧରାଶାୟୀ ହୋଇଛି। ଏଭଳି କି ବିଷମକଟକ ବିଧାନସଭାରେ ଦୁଇ ଥର ନିର୍ବାଚିତ ହୋଇ ବିଧାୟକ ଓ ମନ୍ତ୍ରୀ ହୋଇଥିବା ବିଜେଡି ପ୍ରାର୍ଥୀ ଜଗନ୍ନାଥ ସାରକା ଓ ଜିଲା ରାଜନୀତିରେ ଚହଳ ସୃଷ୍ଟି କରିଥିବା ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ସୁଧୀର ଦାସଙ୍କୁ ମାଟି କାମୁଡ଼ିବାକୁ ପଡିଛି। ଜଗନ୍ନାଥ ସାରକା ହ୍ୟାଟ୍ରିକ ଲକ୍ଷ୍ୟରେ ବିଜେଡିରୁ ରିପିଟ୍ ହୋଇଥିବା ବେଳେ ୨୦୧୯ରେ ପରାଜିତ ହୋଇଥିବା କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକକା ନିଜ ପରାଜୟର ପ୍ରତିଶୋଧ ନେଇଛନ୍ତି। ତେବେ ମନ୍ତ୍ରୀ ହେବା ପରେ ଜଗନ୍ନାଥ ସାରକା ଅଞ୍ଚଳର ବିକାଶ ବଦଳରେ ଅନ୍ୟ ନେତାଙ୍କ ଦ୍ୱାରା ପରିଚାଳିତ ହେବା ଏବଂ ନିଜ ନିର୍ବାଚନମଣ୍ଡଳୀ ପରିବର୍ତ୍ତେ ପ୍ରାୟ ସମୟ ରାୟଗଡ଼ା ନିର୍ବାଚନମଣ୍ଡଳୀରେ ସମୟ ବିତାଇବା ଲୋକଙ୍କ ମନରେ ତାଙ୍କ ପାଇଁ ଅସନ୍ତୋଷର ଦାନା ବାନ୍ଧିଥିବା କର୍ମୀ ମହଲରେ ଆଲୋଚନା ଚାଲିଛି। ଏଭଳିକି ନିଜ ନିର୍ବାଚନମଣ୍ଡଳୀରେ ସମୟ ନ ଦେଇ ଉଭୟ ଭୋଟର ଓ କର୍ମୀଙ୍କଠାରୁ ନିଜକୁ ଏକପ୍ରକାର ଦୂରେଇ ରଖିବା, ଜନସମର୍ଥନ ପାଇ କ୍ୟାବିନେଟ ପାହ୍ୟାର ମନ୍ତ୍ରୀ ହୋଇ ମଧ୍ୟ ଜଣେ ନେତାଙ୍କ ଦ୍ୱାରା ପରିଚାଳିତ ହେବା ଏବଂ ଜିଲାର ଦୁଇ ବରିଷ୍ଠ ନେତାଙ୍କ ବିବାଦ ଜଗନ୍ନାଥ ସାରକାଙ୍କ ପରାଜୟର ମୁଖ୍ୟ କାରଣ ବୋଲି ରାଜନୀତି ସମୀକ୍ଷକମାନେ ମତ ଦେଇଛନ୍ତି। ଚଳିତ ନିର୍ବାଚନରେ ବିଷମକଟକ ଆସନରେ ବିଜେଡି ପ୍ରାର୍ଥୀ ଜଗନ୍ନାଥ ସାରକାଙ୍କୁ ୫୮,୮୭୨ ଖଣ୍ଡ ଭୋଟ ମିଳିଥିବାବେଳେ କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକକା ୬୮,୩୧୯ ଖଣ୍ଡ ଭୋଟ ପାଇ ୯୪୦୩ ଭୋଟରେ ବିଜୟୀ ହୋଇଥିଲେ। ଅନ୍ୟପଟେ ବିଜେଡି ଛାଡି ଭାଜପାରେ ଯୋଗଦେଇ ପ୍ରାର୍ଥୀ ହୋଇଥିବା ଜଗନ୍ନାଥ ନୁଣ୍ଡ଼ୁକା ୨୫,୩୬୮ ଖଣ୍ଡ ଭୋଟ ପାଇଥିଲେ।


ଜଗନ୍ନାଥ ସାରକା

ପ୍ରକାଶଥାଉ କି, ୨୦୧୯ ନିର୍ବାଚନରେ ଜଗନ୍ନାଥ ସାରକା ମୁନିଗୁଡ଼ା ବ୍ଲକରେ ଏକତରଫା ୧୨ ହଜାରରୁ ଊର୍ଦ୍ଧ୍ୱ ଭୋଟରେ ଆଗୁଆ ରହି ବିଜୟୀ ହୋଇଥିଲେ। ତେବେ ଚଳିତ ଥର ମୁନିଗୁଡ଼ା ବ୍ଲକରେ ଜଗନ୍ନାଥ ସାରକା ୧୬,୩୩୮ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସର ନୀଳମାଧବ ୧୪,୨୮୧ ଖଣ୍ଡ ଭୋଟ ପାଇ ମାତ୍ର ୨୦୫୭ ଖଣ୍ଡ ଭୋଟରେ ପଛୁଆ ରହିଥିଲେ। କାରଣ ମୁନିଗୁଡ଼ା ବ୍ଲକ୍‌ରୁ ୧୧,୩୮୫ ଖଣ୍ଡ ଭୋଟ ନେଇଯାଇଥିଲେ ଭାଜପା ପ୍ରାର୍ଥୀ ଜଗନ୍ନାଥ ନୁଣ୍ଡ଼ୁକା। ସେହିଭଳି ବିଷମକଟକ ବ୍ଲକରେ ବିଜେଡି ପ୍ରାର୍ଥୀ ୨୩,୦୦୭ ଖଣ୍ଡ ଭୋଟ ପାଇଥିବା ବେଳେ କଂଗ୍ରେସ ପ୍ରାର୍ଥୀ ୨୭,୩୯୨ ଖଣ୍ଡ ଭୋଟ ପାଇ ୪,୩୦୭ ଖଣ୍ଡ ଭୋଟରେ ଆଗୁଆ ରହିଥିଲେ। ତେବେ ବିଜେଡି ପ୍ରାର୍ଥୀ ଜଗନ୍ନାଥ ସାରକାଙ୍କ ନିଜ ବ୍ଲକ ବିଷମକଟକରେ ମଧ୍ୟ ଚଳିତ ଥର ଭୋଟର କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକକାଙ୍କୁ ପସନ୍ଦ କରିଥିବା ନେଇ ଫଳାଫଳରୁ ସ୍ପଷ୍ଟ ବାରି ହେଉଛି। ତେବେ କଲ୍ୟାଣସିଂହପୁର ବ୍ଲକରେ ବିଜେଡି ଖାତାକୁ ୮,୮୩୧ ଖଣ୍ଡ ଭୋଟ ଯାଇଥିବା ବେଳେ କଂଗ୍ରେସ ଖାତାକୁ ମାତ୍ର ୫,୪୩୬ ଖଣ୍ଡ ଭୋଟ ଯାଇଥିଲା। ଏକଦା କଂଗ୍ରେସର ଗଡ଼ ବୋଲାଉଥିବା ଏହି ବ୍ଲକରେ ବିଜେଡିର ପତିଆରା ବଢ଼ିଛି। ତେବେ ଚଳିତ ଥର ବିଜେଡିକୁ ବଡ଼ ଝଟକା ଦେଇଛନ୍ତି କୋଲନରା ବ୍ଲକ ବାସିନ୍ଦା। ଏହି ବ୍ଲକରେ ଏକତରଫା ଭାବେ କଂଗ୍ରେସ ପ୍ରାର୍ଥୀଙ୍କୁ ଭୋଟ ଦେଇଛନ୍ତି ଭୋଟର। କୋଲନରା ବ୍ଲକରେ ବିଜେଡି ଖାତାକୁ ୧୦,୫୫୧ ଖଣ୍ଡ ଭୋଟ ଯାଇଥିବା ବେଳେ କଂଗ୍ରେସ ଖାତାକୁ ୨୧,୨୧୦ ଖଣ୍ଡ ଭୋଟ ଯାଇଥିଲା। କଂଗ୍ରେସ ପ୍ରାର୍ଥୀ ନୀଳମାଧବ ହିକକା କୋଲନରା ବ୍ଲକରେ ସର୍ବାଧିକ ୧୦,୬୫୯ ଖଣ୍ଡ ଭୋଟରେ ଆଗୁଆ ରହି ବିଜେଡିକୁ ଧରାଶାୟୀ କରିଦେଇଥିଲେ ।

